## ସଂକ୍ଷେପରେ

### ସାନ ଭାଇଙ୍କୁ ହତ୍ୟା କଲା ବଡ଼

ପାତ୍ରପୁର,୧୩।୭(ଡି.ଏନ.ଏ.)-ପାରିବାରିକ କଳହକୁ ନେଇ ରକ୍ତରଞ୍ଜିତ ହେଲା ଆଦିବାସୀ ଗାଁ ଗୁଜିଲିଙ୍ଗି। ସାମାନ୍ୟ କଥାକୁ ନେଇ ମଙ୍ଗଳବାର ସନ୍ଧ୍ୟାରେ ରକ୍ତ ସମ୍ପର୍କ ଭୁଲିଯାଇ ବଡ଼ ଭାଇ ସାନ ଭାଇକୁ ହାଣି ହତ୍ୟା କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଜିଲା ଜରଡ଼ା ଥାନା ଗୁଜୁଲିଙ୍ଗା ଗାଁରେ। ପ୍ରକାଶ ଯେ, କୌଣସି କଥାକୁ ନେଇ ବଡ଼ ଭାଇ ଅଶ୍ୱିନୀ କାର୍ଜି ଓ ସାନ ଭାଇ କାର୍ତ୍ତିକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଦେଖୁ ଦେଖୁ ଏହା ବଡ଼ ବିବାଦର ରୂପ ନେଇଥିଲା। ଏଥିରେ ରାଗିଯାଇ ଅଶ୍ୱିନୀ କାର୍ତ୍ତିକଙ୍କୁ କଟୁରିରେ ଚୋଟ ପକାଇଥିଲେ। ଫଳରେ ଘଟଣାସ୍ଥଳରେ କାର୍ତ୍ତିକଙ୍କ ମୃତ୍ୟୁ ଘଟିଥିଲା। ହତ୍ୟା ପରେ ଅଶ୍ୱିନୀ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଜରଡ଼ା ଥାନା ପୋଲିସ, ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭର୍ତ୍ତା ଓ ସାଇଣ୍ଟିଫିକ୍ ଟିମ୍ ବୁଧବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି। ଏ ନେଇ ଜରଡ଼ା ଥାନାରେ ନଂ. ୨୨୦/୨୨ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଭାବାନନ୍ଦ ପ୍ରଧାନ ପ୍ରକାଶ କରିଛନ୍ତି।

### କାଶୀନଗର ଏନ୍‌ଏସି ବୈଠକ

କାଶୀନଗର,୧୩।୭-କାଶୀନଗର ଏନଏସିର ବୈଠକ ନୂତନ ପରିଷଦ ଗଠନ ପରଠାରୁ ତିନିଥର ବୈଠକ ଅନୁଷ୍ଠିତ ହେଲାଣି। କିନ୍ତୁ କୌଣସି ତଥ୍ୟ ସାମ୍ବାଦିକଙ୍କୁ ସୂଚନା ଦିଆଯାଉନାହିଁ। ବୈଠକରେ କାଉନସିଲରମାନେ ଗଣମାଧମ ପ୍ରତିନିଧିଙ୍କୁ ନିମନ୍ତ୍ରଣ ପାଇଁ ଦାବି କରିଥିଲେ। ଏନଏସିରେ ମନମୁଖୀ କାର୍ଯ୍ୟ ଚାଲିଥିବା ନେଇ ବିରୋଧୀ ଦଳ ପ୍ରଶ୍ନ କରୁଥିବାର ବିବରଣୀ ମିଡିଆରେ ପ୍ରକାଶ ପାଇଯିବା ଭୟରେ ଖବରଦାତାଙ୍କୁ ଡକାଯାଉନାହିଁ। ରାଜ୍ୟ ସରକାର ସ୍କୁଲକୁ ମିଡିଆ ପ୍ରବେଶ ମନା କରିଥିଲେ କିନ୍ତୁ ଖବରଦାତାଙ୍କ ଦାବି ପରେ ତାହା ପ୍ରତ୍ୟାହାର ହୋଇଛି। କାଶୀନଗର ଏନଏସିକୁ ମିଡିଆଙ୍କ ପ୍ରବେଶ ନିମନ୍ତେ ନଗର ଉନ୍ନୟନ ବିଭାଗ ଦୃଷ୍ଟି ଦେଇ ଖବରଦାତାଙ୍କ ପ୍ରବେଶ, ବୈଠକକୁ ନିମନ୍ତ୍ରଣ ନିମନ୍ତେ ପଦକ୍ଷେପ ନେବାକୁ ଦାବି ହୋଇଛି। ପେସ କ୍ଲବ ଏ ଦିଗରେ ଧାରଣା ଦେବା ନେଇ ନିଷ୍ପତ୍ତି ହୋଇଛି।

### ଧରାକୋଟ ସୁନାବେଶ, ଭଜନ ସମାରୋହ

ଧରାକୋଟ,୧୩।୭(ଡି.ଏନ୍.ଏ.)-ରଥଯାତ୍ରାର ଶେଷ ପର୍ଯ୍ୟାୟରେ ଧରାକୋଟରେ ତିନିଠାକୁରଙ୍କ ସୁନାବେଶ ରଥ ଉପରେ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ରିତିନିତି ପ୍ରକାରେ ଠାକୁର ମାନଙ୍କୁ ସୁନା ଓ ରୂପାରେ ତିଆରି ଅଳଙ୍କାର ଓ ଆଭୂଷଣରେ ସଜାଯାଇଥିଲା। ଏହି ଭକ୍ତିମୟ ପରିବେଶ ମଧ୍ୟରେ ଭକ୍ତି ପୁଷ୍ପାଞ୍ଜଳି ଭଜନ ସମାରୋହ ଅନୁଷ୍ଠିତ ହେଇଥିଲା। ସଙ୍ଗୀତ ନିର୍ଦ୍ଦେଶକ ଯୋଗୀ ଭାଇ ବାଦ୍ୟଯନ୍ତ୍ର ନିର୍ଦ୍ଦେଶକ ଅନନ୍ତଙ୍କ ସମେତ କଣ୍ଠ ଶିଳ୍ପୀ ଭାବେ ଜଗା, ଦିଲୀପ, କାହ୍ନୁ ଓ ରାଧେମା ଭକ୍ତିପୂତ ସଙ୍ଗୀତ ପରିବେଷଣ କରିଥିଲେ। ତିନି ଠାକୁରଙ୍କ ସୁନାବେଶ ଦେଖିବା ପାଇଁ ଅଞ୍ଚଳର ସହ ସହ ଭକ୍ତ ଭିଡ଼ ଜମାଇଥିଲେ।

### ଲଗାଣ ବର୍ଷାରେ ରାସ୍ତାରେ ଜମିଲା ପାଣି

ରମ୍ଭା,୧୩।୭-କିଛି ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ରମ୍ଭା ଅଞ୍ଚଳରେ ପାଣି ଜମି ରହିଛି। ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାକୁ ଅପେକ୍ଷାରେ ଥିବା ଚାଷୀମାନେ ଖୁସି ବ୍ୟକ୍ତ କରିଥିବା ବେଳେ ଅଧିକ ବର୍ଷା ହେଲେ ମଧ ଫସଲ କ୍ଷତି ଘଟିବାର ସମ୍ଭାବନା ରହିଥିବା ଚାଷୀ ମତବ୍ୟକ୍ତ କରିଛି। ଏହା ସାଙ୍ଗକୁ ଶିକ୍ଷନୁଷ୍ଠାନ, କଲେଜ ଗୁଡ଼ିକରେ ବର୍ଷା ଲାଗିରହିବାରୁ ଛାତ୍ରୀଛାତ୍ରମାନଙ୍କ ସ୍କୁଲ ଯିବାରେ ଅସୁବିଧା ହେଉଛି।

# ହାତୀଦାନ୍ତ ଲୁଟ ଘଟଣାରେ ୩ ଅଟକ, ଦାନ୍ତ ଜବତ

ଭଞ୍ଜନଗର,୧୩।୭(ଡି.ଏନ.ଏ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କର୍ମଚାରୀଙ୍କୁ ବୁଧବାର ଦନ୍ତାହାତୀର ଦାନ୍ତ ଲୁଟ ମାମଲାରେ ବନ ବିଭାଗ ୩ ଜଣଙ୍କୁ ଅଟକ ରଖିଛି। ଏଥିସହ ଲୁଟ ଦାନ୍ତ ୨ଟିକୁ ବୁଧବାର ବନ ବିଭାଗ କର୍ମଚାରୀ ଜବତ କରିଛନ୍ତି। ଏହି ମାମଲାରେ ବର୍ତ୍ତମାନ ଜଣେ ଜଡ଼ିତ ଥିବା ଜଣାପଡୁଥିବା ବେଳେ ଆଉ କେତେଜଣ ଅଭିଯୁକ୍ତ ମଧ ଜଡ଼ିତ ଥିବା ଅନୁମାନ କରାଯାଉଛି । ତେଣୁ ବନ ବିଭାଗ ଅଧିକାରୀମାନେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଘଟଣା ସମ୍ପର୍କରେ ବିଶେଷ କିଛି କହୁନାହାନ୍ତି। ଏହି ଲୁଟ୍ ମାମଲାରେ ଆନ୍ତଃରାଜ୍ୟ ହାତୀଦାନ୍ତ ବେପାରୀମାନେ ମଧ ଜଡ଼ିତ ଥିବା ଆଶଙ୍କା କରାଯାଉଛି। ଉକ୍ତ ଦିଗ ସମ୍ପର୍କରେ ମଧ ତଦନ୍ତ ଚାଲିଛି। ଅପରପକ୍ଷେ ଏହି ଘଟଣାରେ ବନ ବିଭାଗକୁ ବୁଧବାର ବଡ଼ ସଫଳତା ମିଳିଥିଲେ ମଧ ବର୍ତ୍ତମାନ ସୁଦ୍ଧା ଏ ନେଇ କୌଣସି କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ତଦନ୍ତ ସରିବା ପରେ ବିଭାଗୀୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସମ୍ଭାବନା ରହିଛି ।

ପ୍ରକାଶ ଯେ, ଗତ ୬ ତାରିଖରେ କାନବିନ୍ଧା ସଂରକ୍ଷିତ ଜଙ୍ଗଲ ନିକଟରେ ଏକ ଦନ୍ତାହାତୀ ମରିପଡ଼ିଥିବା ଲୋକେ ଦେଖିଥିଲେ । ଏହାପରେ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦେଖିବା ବେଳକୁ ଦନ୍ତାର ଦାନ୍ତକୁ ଶିକାରୀମାନେ ଲୁଟି ନେଇଥିଲେ । ଶିକାରୀମାନେ ଦନ୍ତାକୁ ଗୁଳିକରି ହତ୍ୟା କରିବା ପରେ ତାର ଦାନ୍ତକୁ ଲୁଟି ନେଇଥିଲେ । ଏହି ଘଟଣା ଘୁମୁସର ଉତ୍ତର ବନଖଣ୍ଡରେ ପ୍ରଥମ। ଯାହାକୁ ନେଇ ବନ ବିଭାଗର ମୁଣ୍ଡବ୍ୟଥା ବଢ଼ିଯାଇଥିଲା । ଏଥିସହ ଗତ ସପ୍ତାହରେ ଯୋଗ ଦେଇଥିବା ନୂଆଁ ଡିଏଫ୍ଓ ସୁଦର୍ଶନ ବେହେରା ମାମଲାଟିକୁ ଗୁରୁତର ସହ ନେଇ ତଦନ୍ତ କରି ରହସ୍ୟ ଉନ୍ମୋଚନ କରିବାରେ ସଫଳ ହୋଇଛନ୍ତି। ଏ ନେଇ ବନ ବିଭାଗର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ ଏଠାରେ କହିଛନ୍ତି, ଦାନ୍ତ ଜବତ ହୋଇଛି। ମାମଲାର ତଦନ୍ତ ଚାଲିଛି। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ।

# ପେଟ୍ରୋଲ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ



ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ।

ଭଞ୍ଜନଗର,୧୩।୭(ଡି.ଏନ.ଏ)

ଭଞ୍ଜନଗର ବେଲଗୁଣ୍ଠା ମୁଖ୍ୟ ରାସ୍ତାର ଜାମପଲ୍ଲୀ ନିକଟରେ ବୁଧବାର ଅପରାହ୍ନରେ ଏକ ପେଟ୍ରୋଲ ଟ୍ୟାଙ୍କର ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦୁଇଜଣ ବାଇକ ଚାଳକ ଆହତ ହୋଇଛନ୍ତି। ପ୍ରକାଶ ଯେ, ଟ୍ୟାଙ୍କର ଗାଡ଼ିଟି ଭଞ୍ଜନଗରରେ ପେଟ୍ରୋଲ ଖାଲି କରି ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ବାଟରେ ଚାଳକ ଗାଡ଼ିରୁ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିଲେ। ଏହାପରେ ଟ୍ରକ୍‌ଟି ସେଠାରୁ କିଛି ମିଟର ଯିବାପରେ ପୁଣି ଦୁଇଟି ବାଇକ୍‌କୁ ଧକ୍କା ଲଗାଇଥିଲା। ଏହି ଘଟଣାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା।

# ଭୂସ୍ଖଳନରେ କ୍ଷତିଗ୍ରସ୍ତ ୩୯ ପରିବାରଙ୍କୁ ସ୍ଥାନାନ୍ତର

ଆର.ଉଦୟଗିରି,୧୩।୭(ଡି.ଏନ.ଏ.)

ନୂଆଗଡ଼ ବ୍ଲକ ଅନ୍ତର୍ଗତ ପରିମଳ ପଞ୍ଚାୟତର ନୂଆପଲ୍ଲୀ ଗ୍ରାମ ନିକଟସ୍ଥ ପାହାଡରେ ଲଗାଣ ବର୍ଷା ଯୋଗୁ ମଙ୍ଗଳବାର ଭୂସ୍ଖଳନ ହୋଇଥିଲା। ଏଥିରେ ବହୁ ଘର ନଷ୍ଟ ହେବା ସହ ୫ ବାଇକ୍ ମଧ ମାଟିରେ ପୋତି ହୋଇଯାଇଥିଲା। ଏଥିସହ ଆସନ୍ତା ୧୪ ଓ ୧୫ ତାରିଖ ବେଳକୁ ପୁଣି ଲଗାଣ ବର୍ଷା ହେବାର ସମ୍ଭାବନା ଥିବା ଯୋଗୁ ଏହାକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ବିପନ୍ନ ନୂଆପଲ୍ଲୀ ଗ୍ରାମର ସମସ୍ତ ୩୯ ପରିବାରଙ୍କୁ ପରିମଳ ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇ ଅସ୍ଥାୟୀ ଭାବେ ଥଇଥାନର ବ୍ୟବସ୍ଥା କରାଯାଇଛି। ସେହିଭଳି ଥଇଥାନ ହୋଇଥିବା ସମସ୍ତ ପରିବାରଙ୍କୁ ପରିମଳ ପଞ୍ଚାୟତ ପକ୍ଷରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଅଜାଚିତ ସାହାର୍ଯ୍ୟ ମାଧ୍ୟମରେ ଦୁଇବେଳା ରନ୍ଧା ଖାଦ୍ୟ ଦିଆଯିବାର ବ୍ୟବସ୍ଥା କରାଯାଇଛି। ନୂଆଗଡ଼ ବ୍ଲକର ଖଜୁରିପଦା ଥିବା ଆରୋଗ୍ୟ ପ୍ରସ ଦ୍ୱାରା ଦୁଇ ଦିନ ହେବ ୨୦ ଜଣ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରାଯାଇଛି। ଡା. ନିକୁଞ୍ଜ କୁମାର ପଣ୍ଡା, ଫାର୍ମାସିଷ୍ଟ ବାଲାଜୀ ଓ ଏଏନ୍‌ଏମ୍ ପ୍ରିୟାଙ୍କି ସିଂ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଭୀକାରୀ ଚନ୍ଦ୍ର ବେହେରା ସୂଚନା ପ୍ରଦାନ କରିଛନ୍ତି।



ପରିବାରକୁ ସ୍ଥାନାନ୍ତର କରୁଛି ବ୍ଲକ ପ୍ରଶାସନ।

# ଦୋକାନରୁ ଚୋରି ଘଟଣାରେ ୨ ଗିରଫ

ବୁଗୁଡା,୧୩।୭(ଡି.ଏନ.ଏ.)

ବୁଗୁଡା ଥାନା ଭାମଶିଆଳି ପଞ୍ଚାୟତ ଅନ୍ତର୍ଗତ ଚଡିଆପଲ୍ଲୀ ଗାଁର ତିନୋଟି ଦୋକାନରେ ପଶି ଚୋରି କରିଥିବା ଘଟଣାରେ ପୋଲିସ ବୁଧବାର ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆସିକା ଥାନା ଅନ୍ତର୍ଗତ ବାବନପୁର ଗ୍ରାମର ଏ.ସନ୍ତୋଷ ଏବଂ ଏ.ଭୀମ। ଗତ ଫେବୃଆରୀ ୧୫ ତାରିଖ ରାତିରେ ପଞ୍ଚାୟତ ନିର୍ବାଚନ ପାଇଁ ଗାଁ ଗହଳିରେ ସକାଳୁ ରାତି ପର୍ଯ୍ୟନ୍ତ ଚଳ ଚଞ୍ଚଳ ଲାଗି ରହିଥିବା ବେଳେ ଚଡିଆପଲ୍ଲୀ ଗ୍ରାମର ମୁଖ୍ୟ ସଡ଼କରେ ଥିବା ମହାଲକ୍ଷ୍ମୀ ଷ୍ଟୁଡିଓର ତାଲା ଭାଙ୍ଗି ମୂଲ୍ୟବାନ ଭିଡିଓ କ୍ୟାମେରା ଚୋରାଇ ନେଇଥିବା ବେଳେ ମହାରଣା ଜୁଏଲାରୀରୁ ସୁନା ଓ ରୁପା ଏବଂ ପ୍ରହରାଜ ଅଟୋମୋବାଇଲ ଦୋକାନରୁ ଟାୟାର, ଟ୍ୟୁବ୍ ସହ ଲୁବ୍ରିକ୍ୟାଣ୍ଟ ପାଉଚ ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଏ ନେଇ କେସ୍ ନଂ ୧୦୭/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା ବେଳେ ଚୋରିରେ ସମ୍ପୃକ୍ତ ଥିବା ୨ ଜଣଙ୍କୁ ଗିରଫ କରିଥିବା ନେଇ ଆଇଆଇସି ଚିତ୍ତ ରଞ୍ଜନ ବେହେରାଙ୍କଠାରୁ ପ୍ରକାଶ।

# ମିଶନ ଶକ୍ତି ପକ୍ଷରୁ ନିଯୁକ୍ତି ଓ ପରାମର୍ଶ ଶିବିର




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ଗୋପାଳପୁର,୧୩।୭(ଡି.ଏନ.ଏ.)

ମିଶନ ଶକ୍ତି ବିଭାଗର ରଙ୍ଗେଇଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଓରମାସ ଓ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାର ନିଯୁକ୍ତି ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପସଭାନେତ୍ରୀ ଏସ୍.ରାଜେଶ୍ୱରୀ ଦୋରା, ଭାରପ୍ରାପ୍ତ ବିଡିଓ ତ୍ରିପତି ବାଲାଜୀ ସାମନ୍ତରାୟ, ୫୪ନଂ ଜିଲା ପରିଷଦ ଦୀପକ କୁମାର ସାମନ୍ତ, ୫୫ନଂ ଜିଲା ପରିଷଦ ସଭ୍ୟ ତଅପୋଇ ଦାସ ଓ ବିଶ୍ୱନାଥପୁର ସମିତି ସଭ୍ୟ ବିଷ୍ଣୁପ୍ରିୟା ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସରକାରଙ୍କ ପକ୍ଷରୁ ପ୍ରଦତ୍ତ ରୋଜଗାର ଓ ନିଯୁକ୍ତିର ଠିକ୍ ସୁଯୋଗ ନେଇ ନିଜେ ଆତ୍ମନିର୍ଭରଶୀଳ ହେବାକୁ ଅତିଥିବୃନ୍ଦ ଆହ୍ୱାନ ଦେଇଥିଲେ। ବିପିଏମ ଅଜୟ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ୮ ବେସରକାରୀ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଥିଲେ। ୧୫୨ ଜଣ ଯୁବତୀ ଯୁବକମାନେ ନିଜର ନାମ ପଞ୍ଜୀକରଣ କରିଥିବା ବେଳେ ସେଥିମଧ୍ୟରୁ ୮୫ ଜଣଙ୍କୁ ନିଯୁକ୍ତି ଓ ତାଲିମ ପାଇଁ ଚୟନ କରାଯାଇଥିଲା। ଆସନ୍ତା କିଛିଦିନ ମଧ୍ୟରେ ଚୟନ ଯୁବତୀ ଯୁବକଙ୍କୁ ତାଲିମ ପରେ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। ଏହି ଅବସରରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ସିଏଚ୍ ନରେଶ, ଉପାଧ୍ୟକ୍ଷ ପ୍ରତିନିଧି ବିନୋଦ କୁମାର ମହାକୁଡ଼, ବିଏଲ୍‌ସି ପବିତ୍ରା ଦୋରା, ରୋଜାରାଣୀ ପଟ୍ଟନାୟକ, ଚିତ୍ରସେନ ନାୟକ, ଓଏସ୍‌ଡି ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ବିପିଏ ସୁନୀଲ କୁମାର ପଟ୍ଟନାୟକଙ୍କ ସମେତ ମିଶନ ଶକ୍ତିର ସିଆର୍‌ପି, ଏମ୍‌ବିକେ, କୃଷି ମିତ୍ର, ପ୍ରାଣୀମିତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ପିଇବା ପାଣି ସମସ୍ୟା ନେଇ ଜିଲାପାଳଙ୍କୁ ଫେରାଦ

ଛତ୍ରପୁର,୧୩।୭(ଡି.ଏନ.ଏ.)

ଛତ୍ରପୁର ଏନ୍‌ଏସି ୧୪ ନଂ ୱାର୍ଡରେ ପିଇବା ପାଣି ସମସ୍ୟା ହେଉଥିବାରୁ ଏହାର ସମାଧାନ ନେଇ ସାହିବାସିନ୍ଦା ଜିଲାପାଳ ନିକଟରେ ଫେରାଦ ହୋଇଛନ୍ତି। ଏହି ପାଣି ସମସ୍ୟା ଆଜିର ନୁହେଁ ଦୀର୍ଘ ୩ ବର୍ଷ ହେଲା ୱାର୍ଡର ରାମକୃଷ୍ଣନଗର, ନୂଆ ପୋଲିସ ଲାଇନ, ଦଳିତ ସାହି, କାଳିମନ୍ଦିର ସାହି ସମେତ ଅନ୍ୟ ସାହିବାସୀଙ୍କୁ ମଧ ଟୋପାଏ ପିଇବା ପାଣି ଠିକ ଭାବେ ମିଳୁ ନ ଥିବା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଭେଟି କହିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବହୁବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଆସୁଥିଲେ ବି କେବଳ ପ୍ରତିଶ୍ରୁତି ମିଳୁଛି କିନ୍ତୁ ଏହାର କୌଣସି ସ୍ଥାୟୀ ସମାଧାନ ହେଉନାହିଁ। ତୁରନ୍ତ ପାଣି ସମସ୍ୟା ନେଇ ଏକ ବୈଠକ କରି ଏହାର କିପରି ସମାଧାନ ହୋଇପାରିବ ବୋଲି ଜିଲାପାଳ ସାହି ବାସିନ୍ଦାମାନଙ୍କୁ କହିଥିଲେ। ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ବେଳେ ୧୪ ୱାର୍ଡର କାଉନସିଲର ଏମ୍.ଅରୁନ୍ଧତୀ ରେଡ୍ଡୀ, ସଞ୍ଜିତ କୁମାର ରାଉଳ, ଅହଲ୍ୟା ଗୌଡ଼, ନିବେଦିତା ପା, ନିଶାରାଣୀ ପାତ୍ର, କେ.ଚନ୍ଦ୍ରଶେଖର ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହାନଗର ଯୁବ ଛାତ୍ର ବିଜେଡିର ଚାରା ରୋପଣ

ବ୍ରହ୍ମପୁର ଅଫିସ,୧୩।୭

ବିଜୁ ଜନତା ଦଳ ଗଠନର ୨୫ ବର୍ଷ ପୂର୍ତ୍ତି ଅବସରରେ ବ୍ରହ୍ମପୁର ମହାନଗର ଯୁବ ଓ ଛାତ୍ର ବିଜେଡି ସଂଗଠନ ପକ୍ଷରୁ ବୁଧବାର ଆସିକା ରୋଡସ୍ଥ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବଡ଼ ବଜାର ଥାନା ପରିସରରେ ଚାରାରୋପଣ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ରାଜ୍ୟ ବିଜେଡି ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା, ମହାନଗର ବିଜେଡି ସଭାପତି ବିଜୟ ସାମଲ, ମହାନଗର ଯୁବ ବିଜେଡି ସଭାପତି ଅଜିତ ପଣ୍ଡା, ଛାତ୍ର ଜୋନ ସଭାପତି ଜ୍ୟୋତି ରଞ୍ଜନ ସାହୁ, ଥାନାଧିକାରୀ ପ୍ରଶାନ୍ତ ଭୂପତି, ସାଇବର ଥାନା ଅଧିକାରୀ ଅବିନାଶ ରେଡ୍ଡୀ ପ୍ରମୁଖ ବିଭିନ୍ନ ଚାରା ଲଗାଇଥିଲେ।



ଚାରା ରୋପଣ କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକ, ମେୟର ଓ ବିଜେଡି ନେତୃବୃନ୍ଦ ।

କର୍ପୋରେଟର ତଥା ଜିଲା ବିଜେଡି ଉପସଭାପତି ସଞ୍ଜିତ ପାଣିଗ୍ରାହୀଙ୍କ ସମେତ ଅଶ୍ୱିନୀ ପଟ୍ଟନାୟକ, ଶ୍ୱେତା ତ୍ରିପାଠୀ, ପଦ୍ମିନୀ ମିଶ୍ର, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ ଏବଂ ନିରଞ୍ଜନ ଜେନା, ଟି. ଗୋପୀ, ସଞ୍ଜୟ ସାବତ, ଭାଗି ପଣ୍ଡା, ଚନ୍ଦ୍ରମୋହନ ସାହୁ, କାହ୍ନୁ ପାତ୍ର, ଅସିତ ସାବତ, ତେଜେଶ୍ୱର ସ୍ୱାମୀ, ରାଜେଶ୍ୱର ବେହେରା, ଅମିତ ମୁଖୀ, ରତ୍ନାକର ମହାପାତ୍ରଙ୍କ ସମେତ ଦଳର ଅନେକ କର୍ମୀ ଓ ବିଭିନ୍ନ ଛାମୁଆ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଆଦିବାସୀ ନାବାଳିକାଙ୍କୁ ଘରେ ଛାଡ଼ିଲେ ଆନ୍ଧ୍ର ଗାଁ ମୁଖିଆ

ପାତ୍ରପୁର,୧୩।୭(ଡି.ଏନ.ଏ.)

ପାତ୍ରପୁର ବ୍ଲକ ଖରିଆନାଳ ଗ୍ରାମର ଜଣେ ଆଦିବାସୀ ମୁକ ନାବାଳିକାଙ୍କୁ ଆନ୍ଧ୍ରର ଅରଖପଦା ଗ୍ରାମରୁ ଉଦ୍ଧାର ପରେ ସେଠାର ମୁଖିଆଙ୍କ ଦ୍ୱାରା ବୁଧବାର ନିଜ ଘରେ ପହଞ୍ଚିଛି। ମୁଖିଆ ୱାୟି ପୂର୍ଣ୍ଣବାସୁ ତାଙ୍କୁ ଉଦ୍ଧାର କରିବା ସହ ପରିବାର ପାଖରେ ଛାଡିଛନ୍ତି। ମଙ୍ଗଳବାର ଖାରିଆନାଳ ଆଦିବାସୀ ଗ୍ରାମର ଜଣେ ୧୫ ବର୍ଷୀୟା ମୁକ ନାବାଳିକା ସାଇକେଲ ଯୋଗେ ଆନ୍ଧ୍ର ଶାସନ ପଞ୍ଚାୟତର ଅରଖପଦା ଗ୍ରାମକୁ ବାଟ ଭୁଲି ଚାଲିଯାଇଥିଲା। ଗ୍ରାମର ନଦୀ ନିକଟରେ ଅଟକି କାନ୍ଦୁଥିବା ବେଳେ ଗ୍ରାମର ଲୋକମାନେ ତାଙ୍କୁ ନାମ ଗ୍ରାମ ପଚାରିବାରେ ସେ କୌଣସି ଉତ୍ତର ଦେଇନଥିଲେ। ଗ୍ରାମବାସୀ ଏ ନେଇ ମୁଖିଆଙ୍କୁ ଜଣାଇଥିଲେ। ମୁଖିଆ ପୂର୍ଣ୍ଣବାସୁ ପହଞ୍ଚି ସନ୍ଧ୍ୟା ହୋଇ ଯାଇଥିବାରୁ ଝିଅକୁ ନିଜ ଗ୍ରାମ ଶାସନକୁ ନେଇ ନିଜ ଭଉଣୀ ନିକଟରେ ଛାଡିବା ସହ ଖାଦ୍ୟପେୟ ବ୍ୟବସ୍ଥା କରିଥିଲେ। ଏହି ଖବର ସମ୍ପର୍କରେ ସେହି ଗ୍ରାମରେ ବିବାହ କରିଥିବା ପାତ୍ରପୁର ବ୍ଲକ ତୁରୁବୁଡିର ଜଣେ ବ୍ୟକ୍ତି ଜାଣି ହ୍ୱାଟ୍ସଅପ ଗ୍ରୁପରେ ବିଳମ୍ବିତ ରାତିରେ ଜଣାଇଥିଲେ। ବିଭିନ୍ନ ହ୍ୱାଟ୍ସଅପ ଗ୍ରୁପରେ ଏ ସମ୍ପର୍କରେ ପୋଷ୍ଟ କରିବା ପରେ ପାତ୍ରପୁରର ପୂର୍ବତନ ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ ନାବାଳିକାଙ୍କ ଠିକଣା ସୂଚନା ଦେଇଥିଲେ। ଠିକଣା ମିଳିବା ପରେ ସକାଳେ ମଖିଆ ଏହି ନାବାଳିକାଙ୍କୁ ଖାରିଆନାଳ ଗ୍ରାମରେ ପହଞ୍ଚାଇବା ସହ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ମା'ଶଶୀ ଶବରଙ୍କ ପାଖରେ ଛାଡି ଥିଲେ। ମୁଖିଆଙ୍କ ଏହିପରି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଛନ୍ତି।

# ବିଧାୟକଙ୍କ ଦ୍ୱାରା ପଙ୍ଖା ବଣ୍ଟନ

ଜି.ଉଦୟଗିରି,୧୩।୭(ଡି.ଏନ.ଏ.)

ଜି.ଉଦୟଗିରି ବ୍ଲକରେ ପୂର୍ବରୁ ହାଇସ୍କୁଲଗୁଡ଼ିକୁ ପଙ୍ଖା ପ୍ରଦାନ କରାଯାଇଥିବା ବେଳେ ବୁଧବାର ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪୦ ସ୍କୁଲଗୁଡ଼ିକୁ ଜମି ପଙ୍ଖା ପ୍ରଦାନ କରାଯାଇଛି। ଜି.ଉଦୟଗିରି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଆୟୋଜିତ ଏହି ପଙ୍ଖା ବଣ୍ଟନ ଉତ୍ସବରେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜି.ଉଦୟଗିରି ବ୍ଲକର ୪୦ ସ୍କୁଲକୁ ପଙ୍ଖା ପ୍ରଦାନ କରିଛନ୍ତି। ସମ୍ପୃକ୍ତ ସ୍କୁଲ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକମାନେ ଏହି ପଙ୍ଖା ଗ୍ରହଣ କରିବା ସହିତ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜି.ଉଦୟଗିରି ତହସିଲଦାର ଶୁଭ୍ରାଞ୍ଜଳି ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷା ଭାନୁପ୍ରଭା ମିଶ୍ର, ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଉପାଧ୍ୟକ୍ଷ ଏନ. ଲୁକ୍ ପ୍ରମୁଖ ଯୋଗ ଦେଇଥିଲେ।

# ହାତୀ ସୁରକ୍ଷା ପାଇଁ ଦୁଇ ବିଭାଗର ବୈଠକ




କୋଟଗଡ଼,୧୩।୭(ଡି.ଏନ୍.ଏ.)

କନ୍ଧମାଳ ଜିଲା କୋଟଗଡ଼ ବ୍ଲକରେ ବୁଧବାର ହାତୀ ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଟାଟା ଶକ୍ତି ଓ ବନ ବିଭାଗର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାତୀ ତଥା ଅନ୍ୟ ବନ୍ୟ ଜନ୍ତୁ କେମିତି ବିଜୁଳି ଆଘାତରେ ମୃତ୍ୟୁ କିମ୍ବା ତାଙ୍କର କ୍ଷତି ନ ହେଉ ଏହା ଉପରେ ଆଲୋଚନା କରାଯାଇଥିଲା। କୌଣସି ଶିକାରୀ ବିଜୁଳି ତାରରୁ ହୁକ ପକାଇ ବନ୍ୟଜନ୍ତୁ ମାରିବାର ପ୍ରୟାସକୁ ବନ୍ଦ କରିବା ପାଇଁ ପୂର୍ବ ଭଳି ତାର ନ ଦେଇ କେବୁଲ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବାକୁ ଶକ୍ତି ବିଭାଗ ମଧ ରାଜିଥିବା କହିଲେ ଟିମ ଲିଡର। ହାତୀ ସୁରକ୍ଷା ପାଇଁ ବା ହାତୀର ଗତିବିଧିକୁ ଲକ୍ଷ୍ୟ ରଖି କୋଟଗଡ଼ ବନ ବିଭାଗ ଲାସେରି ଜଙ୍ଗଲକୁ ଫୋକସରେ ରଖିଥିବା ବେଳେ ଶକ୍ତି ବିଭାଗକୁ ଏହି ଜଙ୍ଗଲରେ ଥିବା ଶକ୍ତି ବିଭାଗର ତ୍ରୁଟିକୁ ତୁରନ୍ତ ସମାଧାନ କରିବାକୁ କହିଛନ୍ତି। ଶକ୍ତି ବିଭାଗ ମଧ ସମୟ ପୂର୍ବରୁ ସାରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସରଳ କରିବା ପାଇଁ ଏକ ହ୍ୱାଟ୍ସଆପ ଗ୍ରୁପ କରିବା ପାଇଁ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ଟାଟା ଶକ୍ତି ବିଭାଗ ଟିମ ଲିଡର ଛୋଟେ କୁମାର ରୁଆ, ଯନ୍ତ୍ରୀ ତାରିଣୀ ସେନ ଷଡ଼ଙ୍ଗୀ ଓ ବନବିଭାଗ ଓ ଶକ୍ତି ବିଭାଗର ବହୁ କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ପ୍ରଧାନମନ୍ତ୍ରୀ ଜାତୀୟ ଆପ୍ରେଣ୍ଟିଶିପ ମେଳା କାର୍ଯ୍ୟକ୍ରମ

ଆର.ଉଦୟଗିରି,୧୩।୭(ଡି.ଏନ.ଏ.)

ମୋହନା ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରି କାଳିଆପଟା ସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଶିଳ୍ପ ତାଲିମ କେନ୍ଦ୍ର ଏବଂ ଗଜପତି ଜିଲା ନିୟୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ ଜାତୀୟ ଆପ୍ରେଣ୍ଟିଶିପ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଦକ୍ଷତା ଇଣ୍ଡିଆ ମିଶନ ଅଧୀନ କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋଗିତା ମନ୍ତ୍ରଣାଳୟ ଅନ୍ତର୍ଗତ ଏହି ପ୍ରଧାନମନ୍ତ୍ରୀ ଜାତୀୟ ଆପ୍ରେଣ୍ଟିଶିପ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇଟିଆଇ ପାସ୍‌ଆଉଟ ଛାତ୍ରୀଛାତ୍ରମାନଙ୍କ ସମେତ ଶିକ୍ଷିତ ଯୁବତୀ ଯୁବକମାନଙ୍କ ନିମନ୍ତେ ଆତ୍ମନିର୍ଭର ପାଇଁ ଅଧିକ ଆପ୍ରେଣ୍ଟିଶିପ ନିଯୁକ୍ତିର ସୁଯୋଗ ଉପଲବ୍ଧ କରାଇବା ନିମନ୍ତେ ଭାରତ ସରକାରଙ୍କ ପକ୍ଷରୁ ଏଭଳି ପ୍ରୟାସ କରାଯାଇଥିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ଗଜପତି ଜିଲାର ଚନ୍ଦ୍ରଗିରି, ରାୟଗଡ ଓ ଗୁମ୍ମାଠାରେ ଥିବା ସରକାରୀ ଆଇଟିଆଇ (ଶିଳ୍ପ ତାଲିମ କେନ୍ଦ୍ର )ରେ ତାଲିମ ନେଇ ପାସ-ଆଉଟ ହୋଇଥିବା ଶତାଧିକ ଶିକ୍ଷିତ ଛାତ୍ରୀଛାତ୍ର ବିଭିନ୍ନ କମ୍ପାନୀରେ ଇଲେକଟ୍ରିକାଲ, ୱେଲଡର, ଫିଟର ଓ ଏମ୍‌ଏମ୍‌ଭି ଟ୍ରେଡ୍‌ରେ ମୋଟ ୬୬ ଜଣ ଆପ୍ରେଣ୍ଟଶିପଭିତ୍ତିକ ନିଯୁକ୍ତି ପାଇଁ ଦରଖାସ୍ତ କରି ନାମ ପଞ୍ଜୀକରଣ କରିଥିଲେ। ଏହି ଅବସରରେ ବିଭିନ୍ନ ଟ୍ରେଡ୍ ପାଇଁ ଦରଖାସ୍ତ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏକ ସଚେତନତାଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓପିଟିସିଏଲ ଚନ୍ଦ୍ରଗିରିର ସହକାରୀ ଯନ୍ତ୍ରୀ ଉମାକାନ୍ତ ଗୌଡ଼, ଓପିଟିସିଏଲ୍‌ର ସହକାରୀ ପରିଚାଳକ ପ୍ରଭାତ ପଟ୍ଟନାୟକ, ରାୟଗଡାସ୍ଥିତ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ପ୍ରକାଶ ରଞ୍ଜନ ସୋରେନ, ଜିଲା ଶିଳ୍ପ କେନ୍ଦ୍ରର ମୁଖ୍ୟ ପରିଚାଳକ ଏସ. ସୁନାରାମ ସିଂହ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସନସାଇନ ହେଲ୍‌ଥ କେୟାର ସର୍ଭିସେସ, ଏସ୍‌ଆଇଏସ ସିକ୍ୟୁରିଟି, ରାୟମଣ୍ଡ ଗ୍ରୁପ, ଆର୍‌ଏନ୍‌ଡି ସଫେଟେକ ପ୍ରାଇଭେଟ ଲିମିଟେଡ, ହାଇଦ୍ରାବାଦ ସ୍ଥିତ ଉଷା ଇଣ୍ଟରନ୍ୟାଶନାଲ ଲିମିଟେଡ, ରାନେ ମାଡ୍ରାସ ଲିମିଟେଡ, ବିଷ୍ଣୁ କେମିକାଲ ଲିମିଟେଡ, ଏମ୍‌ଏସ ଭେଲଜନ ଡେନିସନ ଲିମିଟେଡ ସମେତ ମହେନ୍ଦ୍ରଗଡ଼ର ହିରୋ ମୋଟର୍ସ ଏବଂ ଓପିଟିସିଏଲ ପ୍ରମୁଖ ଯୋଗଦେଇ ସେମାନଙ୍କ ସଂସ୍ଥାର ନୀତିନିୟମ ଓ ସୁବିଧା ସମ୍ପର୍କରେ କହିଥିଲେ। ଏହି ପ୍ରଧାନମନ୍ତ୍ରୀ ଜାତୀୟ ଆପ୍ରେଣ୍ଟିଶିପ ମେଳା ଗଜପତି ଜିଲାର ସେଞ୍ଚୁରିଆନ ୟୁନିଭର୍ସିଟିର ଗ୍ରାମତରଙ୍ଗ ଏବଂ ଚନ୍ଦ୍ରଗିରି-କାଳିଆପଟାସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର(ଆଇଟିଆଇ)ଠାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ୭ ଜଣ ଏମ୍ପ୍ଲୟର୍ସ ଓ ମୋଟ ୧୨୯ ଜଣ ପାସ-ଆଉଟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ସଂକ୍ଷେପରେ

### ଜିଲ୍ଲା ସ୍ୱାସ୍ଥ୍ୟ କମିଟି ବୈଠକ

ଛତ୍ରପୁର,୧୩।୭(ଡି.ଏନ.ଏ. ): ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ କମିଟି ବୈଠକ ଓସ୍ୱାନ ହଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ପ୍ରତ୍ୟେକ ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଯେଭଳି ଠିକ୍ ରହିବ ସେ ଦିଗରେ ସମସ୍ତ ବିଭାଗର ଗୁରୁଦାୟିତ୍ୱ ରହିଛି । ବର୍ତ୍ତମାନ କୋଭିଡ ମୁକାବିଲା ଲାଗି ଜିଲାବାସୀ ସଚେତନତା ଏବଂ ସତର୍କତା ଉପରେ ଗୁରୁତ୍ୱ ଦେବା ଜରୁରୀ। ଜିଲାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣି ଯେପରି ସୁନାମ ଅର୍ଜନ କରିବ ସେ ଦିଗରେ ସମ୍ପୃକ୍ତ ସମସ୍ତ ବିଭାଗ ତତ୍ପରତା ପ୍ରକାଶ କରିବା ଆବଶ୍ୟକ। ଜିଲାରେ କାର୍ଯ୍ୟକାରୀ ହେଉଥିବା ସ୍ୱାସ୍ଥ୍ୟଜନିତ ସମସ୍ତ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଯକ୍ଷ୍ମାରୋଗର ଲକ୍ଷଣ ପୂର୍ବରୁ ଚିହ୍ନଟ କରାଯାଇ ଅନେକ ଲୋକଙ୍କୁ ଚିକିତ୍ସା ଦିଆଯାଇ ପାରୁଛି । ଯକ୍ଷ୍ମାର ଚିହ୍ନଟ ପ୍ରକ୍ରିୟା ତଳସ୍ତରରୁ ଘରକୁ ଘର ବୁଲି କରାଯାଉ। ଜିଲାରେ ପରିବାର ନିୟୋଜନ କାର୍ଯ୍ୟକୁ ପରିଚାଳନା କରିବା ଦିଗରେ କାର୍ଯ୍ୟଭାର ଗ୍ରହଣ କରିଥିବା ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ହୋଇଥିଲା। ରୋଗୀ କଲ୍ୟାଣ ସମିତି ଦ୍ୱାରା କରାଯାଉଥିବା କାର୍ଯ୍ୟାବଳୀ, ଖର୍ଚ୍ଚ, ସାମଗ୍ରୀ ଓ ସରଞ୍ଜାମ କ୍ରୟ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ରାଜ୍ୟ ଯୋଜନା ଅନ୍ତର୍ଗତ ପୂର୍ବରୁ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ସବିଶେଷ ଆଲୋଚନା ହୋଇଛି । ଜନ ଔଷଧୀ କେନ୍ଦ୍ର, ସିଟି ହସ୍ପିଟାଲର କାର୍ଯ୍ୟକାରୀ କମିଟି ଦ୍ୱାରା ପରିଚାଳନା ହେଉଥିବା ସମସ୍ତ ବିଷୟ ନେଇ ଆଲୋଚନା ହୋଇଥିଲା। ଜିଲାରେ ଚିକିତ୍ସାଳୟର ଆବଶ୍ୟକତାକୁ ଲକ୍ଷ୍ୟକରି ଚିକିତ୍ସାଳୟ ନିର୍ମାଣ ଏବଂ ଏହାର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ଚାଲୁଥିବା କୋଠାଗୃହର ନିର୍ମାଣ କାର୍ଯ୍ୟର ସ୍ଥିତି ବିଷୟରେ ତର୍ଜମା କରାଯାଇଥିଲା। ଯେଉଁ ଅଞ୍ଚଳରେ ଜାଗା ସମ୍ପର୍କିତ କିଛି ସମସ୍ୟା ରହିଛି ତାର ନିକଟବର୍ତ୍ତୀ ସ୍ଥାନ ଚିହ୍ନଟକରି ନିର୍ମାଣ କାର୍ଯ୍ୟଧାରାକୁ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କୋଠା ନିର୍ମାଣ ନିମନ୍ତେ ଦାୟିତ୍ୱ ଗ୍ରହଣ କରିଥିବା ଲାଇନ ବିଭାଗ, ସ୍ୱାସ୍ଥ୍ୟ ଓ କୋଠା ନିର୍ମାଣ ଦିଗରେ ଅଧିକ ତତ୍ପରତା ପ୍ରକାଶ କରିବା ପାଇଁ କୁହାଯାଇଛି। ଯଥାଶୀଘ୍ର କାର୍ଯ୍ୟ ଶେଷ ହେଲେ ଜିଲାବାସୀଙ୍କର ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ନେଇ ସେମାନଙ୍କ ଅତି ନିକଟରେ ଚିକିତ୍ସା ସୁବିଧା ହାସଲ ହୋଇପାରିବ ବୋଲି ମତ ରଖାଯାଇଥିଲା। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଉମା ଶଙ୍କର ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରୋଗ୍ରାମ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ଓ ସମସ୍ତ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

# ଜିଲାରେ ୧ ଲକ୍ଷ ୭୦ ହଜାର ୩୨୮ ହେକ୍ଟର ଜମିରେ ଧାନ ଚାଷ ଲକ୍ଷ୍ୟ

**ବ୍ରହ୍ମପୁର ଅଫିସ,୧୩।୭**

ମୌସୁମୀ ପ୍ରଭାବରେ ଗଞ୍ଜାମ ଜିଲାରେ ଗତ କିଛି ଦିନ ଧରି ବର୍ଷା ଲାଗି ରହିଛି। ଯାହାକି ଚାଷ ପାଇଁ ଅନୁକୂଳ ବୋଲି ଜିଲାର ବହୁ ଚାଷୀ ମତ ଦେଇଛନ୍ତି। ତେବେ ଆଗାମୀ ଦିନରେ ଏଭଳି ବର୍ଷା ଲାଗି ରହିଲେ ଧାନ ବୁଣା ଓ ତଳି ପକାରେ ସହାୟକ ହେବ। ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ, ଜୁନରେ ୯୫.୨୧% ବର୍ଷା ହୋଇଛି। ଏଥିରୁ ପୋଲସରାରେ ସର୍ବାଧିକ ୨୩୩.୧ ମି.ମି. ବର୍ଷା ହୋଇଛି। ସେହିପରି ପାତ୍ରପୁରରେ ୧୩୪.୬ ମି.ମି., ସାନଖେମୁଣ୍ଡିରେ ୧୦୩, ଭଞ୍ଜନଗର ୧୬୦, ବେଲଗୁଣ୍ଠା ୧୧୯.୩, ଜଗନ୍ନାଥପ୍ରସାଦ ୧୦୮, ବୁଗୁଡା ୧୨୫, ଆସ୍କା ୧୧୧, ଧରାକୋଟ ୧୧୫ , ଶେରଗଡରେ ୨୨୯.୨ ମି.ମି. ବର୍ଷା ହୋଇଥିବା ସୂଚନା ମିଳିଛି। ତେବେ ଜୁଲାଇରେ ବର୍ତ୍ତମାନ ସୁଦ୍ଧା ୫୬.୫୮ ମି.ମି. ବର୍ଷା ହୋଇଛି। ତେବେ ଜିଲାରେ ସର୍ବାଧିକ ବର୍ଷା ହେଉଥିବା ପୋଲସରା ଓ ଖଲ୍ଲିକୋଟ କେଶପୁର ଅଞ୍ଚଳରେ ଚାଷ କାର୍ଯ୍ୟ ଭଲ ହୋଇଥାଏ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଦିଲୀପ କୁମାର ଖୁଣ୍ଟିଆ କହିଛନ୍ତି। ରଙ୍ଗେଇଲୁଣ୍ଡା ଓ ଗଞ୍ଜାମ ବ୍ଲକରେ କମ ପରିମାଣର ବର୍ଷା ଯୋଗୁ ଚାଷ ସେତେଟା ଭଲ ହୋଇପାରୁ ନ ଥିବା ସେ କହିଛନ୍ତି।


ତଳି ପକାଯାଇଥିବା ଜମି।

ସୂଚନାଯୋଗ୍ୟ, ଚଳିତ ବର୍ଷ ଜିଲାରେ ୧ ଲକ୍ଷ ୭୦ ହଜାର ୩୨୮ ହେକ୍ଟର ଧାନ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୨୦ ହଜାର ହେକ୍ଟର ଚାଷ ଜମିରେ ବୁଣା ଲକ୍ଷ୍ୟ ରଖାଯାଇଥିବା ବେଳେ ୧୪ ହଜାର ୯୩ ହେକ୍ଟରର ଚାଷ ଜମିରେ ଧାନ ବୁଣା କାର୍ଯ୍ୟ ସରିଛି। ସେହିପରି ୧୫ ହଜାର ୨୫ ହେକ୍ଟର ଧାନ ଜମିରେ ତଳି ପଡିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ୧୧ ହଜାର ୭୩୯ ହେକ୍ଟର ଚାଷ ଜମିରେ ତଳି ପକା କାର୍ଯ୍ୟ ସରିଥିବା ସୂଚନା ମିଳିଛି। ବାକି ଜମିରେ ବୁଣା ଓ ତଳି ପକା କାର୍ଯ୍ୟ ଜାରି ରହିଛି। ଖୁବ ଶୀଘ୍ର ଲକ୍ଷ୍ୟ ଅନୁଯାୟୀ ସମସ୍ତ ଜମିରେ ଧାନ ବୁଣା ଓ ତଳି ପକା କାର୍ଯ୍ୟ ସଂପୂର୍ଣ୍ଣ ହେବ ବୋଲି କୃଷି ଅଧିକାରୀ କହିଛନ୍ତି। ଅନ୍ୟପଟେ ବନ୍ୟା ଓ ଲଗାଣ ବର୍ଷା ଯୋଗୁ ତଳି ନଷ୍ଟ ହେବା ଆଶଙ୍କାରେ ୫ ହଜାର କୁଇଣ୍ଟାଲ ଧାନ ବିହନ ସଂରକ୍ଷିତ ରଖାଯାଇଥିବା ସହକାରୀ କୃଷି ଅଧିକାରୀ ପ୍ରଶାନ୍ତ କୁମାର ନାଥ ସୂଚନା ଦେଇଛନ୍ତି। ବର୍ତ୍ତମାନ ହେଉଥିବା ବର୍ଷା ପରିମାଣ ଯଦି ଆଗାମୀ ଦିନରେ ଲାଗି ରହେ ତେବେ ଜିଲାରେ ଚାଷୀ ଉପକୃତ ହେବା ସାଙ୍ଗକୁ ଫସଲ ଅମଳ ଲକ୍ଷ୍ୟ ସଫଳ ହେବ ବୋଲି ଜିଲା କୃଷି ଅଧିକାରୀ କହିଛନ୍ତି।

**୧୧ ହଜାର ୭୩୯ ହେକ୍ଟର ଜମିରେ ସରିଲାଣି ତଳି ପକା**

# ନକଲି ବିଦେଶୀ ମଦ ଜବତ, ୨ ଗିରଫ


ଗିରଫ ଅଭିଯୁକ୍ତଙ୍କ ସହ ଜବତ ମଦ ଓ ପ୍ରସ୍ତୁତି ସାମଗ୍ରୀ

**ବ୍ରହ୍ମପୁର ଅଫିସ,୧୩।୭**

ଗଞ୍ଜାମ ଜିଲା ଅବକାରୀ ବିଭାଗ ବୁଧବାର ଟାମଣା ଛକରେ ଏକ ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରେ ଥିବା ୧୨୯ ବିଦେଶୀ ମଦ ବୋତଲ ଜବତ କରି ବି. ସନ୍ତୋଷ ପାତ୍ର (୩୧)ଙ୍କୁ ଗିରଫ କରିଥିଲା। ସନ୍ତୋଷଙ୍କୁ ଜେରା ବେଳେ ସେ ଉକ୍ତ ନକଲି ବିଦେଶୀ ମଦ କେ. ନୂଆଗାଁ ଥାନା ଅନ୍ତର୍ଗତ ଗୌଡ଼ଗାଁର ଶିବାଶିଷ ଚୌଧୁରୀଙ୍କୁ ବିକ୍ରି କରିବା ପାଇଁ ନେଉଥିବା ଜଣାପଡ଼ିଥିଲା। ଏହି ମଦ ସନ୍ତୋଷ ଗୋଳନ୍ଥରା ଥାନା ଅନ୍ତର୍ଗତ ରାଳବ ଗ୍ରାମରେ ପ୍ରସ୍ତୁତ କରୁଥିବା ନେଇ ଅବକାରୀ ପୋଲିସକୁ ସେ କହିଥିଲେ। ଅବକାରୀ ପୋଲିସ ଟିମ୍‌ର କିଛି ଅଧିକାରୀ ଟାମଣା ଛକରୁ ରାଳବ ଗ୍ରାମକୁ ଯାଇ ସେଠାରେ ଚାଲିଥିବା ନକଲି ବିଦେଶୀ ମଦ କାରଖାନାରେ ଚଢ଼ାଉ କରିଥିବା ବେଳେ ଅନ୍ୟ ଏକ ଟିମ୍ ସନ୍ତୋଷଙ୍କୁ ଧରି ଗୌଡ଼ଗାଁ ଯାଇଥିଲା। ସେଠାରୁ ଶିବାଶିଷଙ୍କୁ ଗିରଫ କରିବା ସହ ଉଭୟ ଅଭିଯୁକ୍ତଙ୍କୁ ଧରି ରାଳବ ଗ୍ରାମରେ ଚାଲିଥିବା ନକଲି ବିଦେଶୀ ମଦ ପ୍ରସ୍ତୁତ କାରଖାନାରେ ଚଢ଼ାଉ କରିଥିଲା। ସେଠାରୁ ପୋଲିସ ବିଭିନ୍ନ ବ୍ରାଣ୍ଡର ନକଲି ମଦ ବୋତଲ ସହ ଅନ୍ୟାନ୍ୟ ସାମଗ୍ରୀ ପାଇଥଲା। ମାମଲା ନମ୍ବର ୧୭/୨୨-୨୩ ରେ ଅଭିଯୁକ୍ତ ଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଏସ୍‌ପି ରମେନ୍ଦ୍ର ନାରାୟଣ ନାୟକ ସୂଚନା ଦେଇଛନ୍ତି। ଜବତ ନକଲି ମଦ ଓ ସ୍ପିରିଟର ନମୂନା ସଂଗ୍ରହ କରାଯାଇଛି। ସେଗୁଡିକ କେମିକାଲ ପରୀକ୍ଷା ପାଇଁ ଭୁବନେଶ୍ୱର ଆରଏଫଏସ୍‌ଏଲ ପଠାଯିବ ବୋଲି ସେ କହିଛନ୍ତି। ଅଭିଯୁକ୍ତ ସନ୍ତୋଷ ରାଳବ ଗ୍ରାମରେ ଏକ ଘର ଭଡ଼ା ନେଇ ନକଲି ବିଦେଶୀ ମଦ ଜିଲାର ବିଭିନ୍ନ ସ୍ଥାନକୁ ବିକ୍ରି ପାଇଁ ସେଠାରେ ପ୍ରସ୍ତୁତ କରୁଥିଲେ ବୋଲି ଜେରା ବେଳେ ଅବକାରୀ ପୋଲିସ ଜାଣିବାକୁ ପାଇଛି। ଉକ୍ତ ନକଲି ମଦ ପ୍ରସ୍ତୁତ କାରଖାନାରୁ ଅବକାରୀ ପୋଲିସ ୪୫.୭୨୦ ଲିଟର ବିଭିନ୍ନ ବ୍ରାଣ୍ଡର ନକଲି ବିଦେଶୀ ମଦ, ୧୦ ଲିଟର ସ୍ପିରିଟ, ୧ଲିଟର କଲର ସ୍ପିରିଟ, ୫ ଲିଟର ଧଳା ସ୍ପିରିଟ, ୫ ଲିଟର ହୋମିଓପ୍ୟାଥିକ ସ୍ପିରିଟ, ୫୭୬ ନକଲି ଲେବେଲ, ୧୦୦୦ ଠିପି, ୫୦୦ ଖାଲି ବୋତଲ, ଗୋଟିଏ ବୋତଲ ରଙ୍ଗ, ୧୩୦ମିଲି ଲିଟର ରାସାୟନିକ ଏସେନ୍ସ ଜବତ କରିଥିଲା। ଘଟଣାର ତଦନ୍ତ ଜାରି ରହିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଅବକାରୀ ଏସ୍‌ପି କହିଛନ୍ତି। ଚଢାଉରେ ଅବକାରୀ ଇନ୍ସପେକ୍ଟର ଅର୍ଜୁନ ମଲ୍ଲିକ, ଜିଲା ଷ୍ଟ୍ରାଇକିଂ ଇନ୍ସପେକ୍ଟର ମିହିର କୁମାର ସେଠୀ ଓ ଅନ୍ୟମାନେ ସାମିଲ ଥିଲେ।

# ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ପୂର୍ଣ୍ଣିମା



ଅତିଥିଙ୍କ ଉଦ୍‌ବୋଧନ।

**ବ୍ରହ୍ମପୁର ଅଫିସ,୧୩।୭**

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୁଧବାର ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭ ଶ୍ରେଣୀଠାରୁ ଯୁକ୍ତ ୩ ପର୍ଯ୍ୟନ୍ତ ପ୍ରାୟ ୫ ହଜାର ଛାତ୍ରୀଛାତ୍ରଙ୍କୁ ନେଇ ପାଳିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ଅଧକ୍ଷ ବ୍ରଜ ମୋହନ ସାସମଲ, ଅବସରପ୍ରାପ୍ତ ଶିକ୍ଷିକା ବି. ରାଜେଶ୍ୱରୀ, ଶିକ୍ଷକ ପ୍ରସନ୍ନ କୁମାର ପାଢ଼ୀ, ଅବସରପ୍ରାପ୍ତ ଶିକ୍ଷିକା ପ୍ରଣତୀ ମିଶ୍ର, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ମନମୋହନ ଶତପଥୀ ଓ ଅବସରପ୍ରାପ୍ତ ଅଧକ୍ଷ ରମାରମଣ ପାଢ଼ୀ ପ୍ରମୁଖ ଗୁରୁମାନଙ୍କ ଗୁରୁପୂଜନ କରାଯାଇଥିଲା। ପ୍ରତ୍ୟେକ ପର୍ଯ୍ୟାୟରେ ଗୁରୁ ପୂଜନ, ଗୁରୁବନ୍ଦନା ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିମାନେ ଗରିବ ଶିଶୁମାନଙ୍କ ପାଇଁ ସମ୍ବେଦନଶୀଳ ହେବାପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନିଜର ଚରିତ୍ର ଗଠନ, ଜାତି ଗଠନ ଓ ଦକ୍ଷତାର ବିକାଶ ପାଇଁ ପରାମର୍ଶ ଦେଇଥିଲେ। ଆଦ୍ୟଗୁରୁ, ଶିକ୍ଷାଗୁରୁ ଓ ଦିକ୍ଷାଗୁରୁଙ୍କ ସମ୍ବନ୍ଧରେ ଆଲୋକପାତ କରିଥିଲେ। ମାତା ଆଦ୍ୟଗୁରୁ, ଶିକ୍ଷାଦେଉଥିବା ଗୁରୁ ଓ ଦୀକ୍ଷା ଦେଇ ଜୀବନ ଗଠନ କରୁଥିବା ଗୁରୁଙ୍କ ପ୍ରତି ଅନୁରାଗୀ ହେବା ଏବଂ ଭକ୍ତି କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ଏଥିରେ ବିଭିନ୍ନ ପର୍ଯ୍ୟାୟରେ ଧୀରେନ୍ଦ୍ର କୁମାର ରଥ, ସୁତିଷ୍ଣା ପଣ୍ଡା, ଉମାଧବ ମହାନ୍ତି ଏବଂ ବୃନ୍ଦାବନ ଦାସ ପ୍ରମୁଖ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମଞ୍ଚାସୀନ ଅତିଥି ଭାବେ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଏସ୍. ମୋହନ ରାଓ, ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି, ପରିଚାଳନା ସମିତି ଉପଦେଷ୍ଟା ନରସିଂହ ଚୌଧୁରୀ ଉପସ୍ଥିତ ଥିଲେ। ବରିଷ୍ଠ ଆଚାର୍ଯ୍ୟ ଜଟେଶ୍ୱର କର, ସୁରେଶ ଆଚାର୍ଯ୍ୟ, ସଚ୍ଚିଦାନନ୍ଦ ପୁରୋହିତ, ଆଚାର୍ଯ୍ୟା ପ୍ରିୟଦର୍ଶିନୀ ସାହୁ, ଆଶାଲତା ରଥ ଓ ସ୍ମିତା ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ।

**ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ ଘଟଣା**

# ଫେରାର ବାଇକ୍ ଚାଳକ ଗିରଫ

**ବ୍ରହ୍ମପୁର ଅଫିସ,୧୩।୭**

ଦୁର୍ଘଟଣାରେ ଜଣେ ଯୁବକଙ୍କର ଜୁନ ୨୫ରେ ମୃତ୍ୟୁ ଘଟିଥିଲା। ଘଟଣା ଘଟିବାର ୧୬ ଦିନ ପରେ ଟ୍ରାଫିକ୍ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ଗେଟବଜାର ଗୋଲାପଲ୍ଲୀ ସାହିର ଅନିଲ ସେଠୀ (୩୨)। ଦୁର୍ଘଟଣା ଘଟାଇଥିବା ବାଇକ (ନଂ ଓଆର ୨୧ବି ୪୫୧୧)କୁ ମଧ୍ୟ ଜବତ କରାଯାଇଛି। ମାମଲା ନମ୍ବର ୨୪/୨୨ରେ ଅନିଲଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅନନ୍ତନଗରରେ ରହୁଥିବା ଗୁରୁଦତ୍ତ ପଣ୍ଡା ଜୁନ ୧୦ରେ କୌଣସି କାମରେ ଚମାଖଣ୍ଡି ଯାଇଥିଲେ। ରାତି ପ୍ରାୟ ସାଢେ ୧୦ଟା ବେଳେ ସେ ସ୍କୁଟି (ନଂ ଓଡ଼ି ୦୭ ଏକେ ୭୮୬)ରେ ଘରକୁ ଫେରୁଥିଲେ। ମେଡିକାଲ ମୁଖ୍ୟ ଫାଟକ ସମ୍ମୁଖ ଜାତୀୟ ରାଜପଥରେ ଏକ ବାଇକ୍ ତାଙ୍କ ପଛ ପଟରୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ପଡ଼ି ଡିଭାଇଡରରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଜୁନ ୨୫ରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଖଣ୍ଡଗିରି ଥାନାରେ ୧୦୧/୨୨ ରେ ଏକ ମାମଲା ରୁଜୁ ହୋଇଥିଲା।

# ବାଇକ୍ ଲୁଟେରା ଗିରଫ

**ବ୍ରହ୍ମପୁର ଅଫିସ,୧୩।୭**


ଗିରଫ ବାଇକ୍ ଲୁଟେରା ।

ବ୍ରହ୍ମପୁର ଟାଉନ ଥାନା ପୋଲିସ ଜଣେ ବାଇକ ଲୁଟେରାଙ୍କୁ କାବୁ କରିଛି। ସେ ହେଉଛନ୍ତି ସଦର ଥାନା ଅନ୍ତର୍ଗତ ନିମଖଣ୍ଡି ଚାଣକ୍ୟନଗରର ସିଏଚ. ଶିବରାମ ପାତ୍ର ଓରଫ ବେତାଳ (୪୦)। ସେ ଜଣେ ପେସାଦାର ଲୁଟେରା ଓ ଘଟଣାର ୪ମାସ ପରେ ପୋଲିସ ତାଙ୍କୁ ଗିରଫ କରିଛି। ଏହି ମାମଲାରେ ପୂର୍ବରୁ ଚୋରି ବାଇକ କିଣିଥିବା ଅଭିଯୋଗରେ ପୋଲିସ ଅନନ୍ତରାମ ବେହେରାଙ୍କୁ ଗିରିଫ କରି କୋର୍ଟ ଚାଲାଣ କରିଥିଲା। ତାଙ୍କ ନିକଟରୁ ଚୋରି ବାଇକ ମଧ୍ୟ ଜବତ କରିଥିଲା। ଅନନ୍ତରାମ ଏବେ ଜାମିନରେ ମୁକୁଳିଥିବା ଜଣାପଡିଛି।

ପ୍ରକାଶ ଯେ, ଚମାଖଣ୍ଡିର ବେଣୁଧର ପାତ୍ର କୌଣସି ଏକ କାମ ପାଇଁ ମାର୍ଚ୍ଚ ୩ରେ ସିଟି ହସ୍ପିଟାଲ ଯାଇଥିଲେ। ତାଙ୍କ ଗାଡ଼ିଟି ସେ ହସ୍ପିଟାଲ ନିକଟରେ ପାର୍କିଂ କରିଥିଲେ। କାମ ସାରି ସେ ତାଙ୍କ ବାଇକ ପାଖକୁ ଆସି ଦେଖିବା ବେଳେ ତାଙ୍କ ବାଇକଟି ସେଠାରୁ ଗାଏବ ହୋଇଯାଇଥିଲା। ପରେ ସେ ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ।

# ଅର୍ବାନ୍ ବ୍ୟାଙ୍କ ସଭାପତି ମୁରଲୀ ମୋହନ

**ବ୍ରହ୍ମପୁର ଅଫିସ,୧୩।୭**



ବ୍ରହ୍ମପୁର ସମବାୟ ଅର୍ବାନ ବ୍ୟାଙ୍କ ନୂଆ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ବିଜେଡି ଯୁବ ନେତା ଆର.ମୁରଲୀ ମୋହନ। ବୁଧବାର ଏହି ପଦ ପାଇଁ ନାମାଙ୍କନ ଦାଖଲ, ଯାଞ୍ଚ ଓ ପ୍ରାର୍ଥିପତ୍ର ପ୍ରତ୍ୟାହାର ନିମନ୍ତେ ରିଟର୍ନିଂ ଅଫିସରଙ୍କ ପକ୍ଷରୁ ବିଜ୍ଞପ୍ତି ପାଇବା ସହ ଗୁରୁବାର ନିର୍ବାଚନ ହେବାର ଥିଲା। ତେବେ ୮ନଂ. ଜୋନ୍‌ରୁ ଜିତିଥିବା ମୁରଲୀ ଏକମାତ୍ର ନାମାଙ୍କନ ଦାଖଲ କରିଥିଲେ। ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ଅପରାହ୍ନରେ ତାଙ୍କୁ ସଭାପତି ଘୋଷଣା କରାଯାଇଥିଲା। କେବଳ ସେତିକି ନୁହେଁ ବ୍ୟାଙ୍କର ମିନିଟ ବହିରେ ସେ ନିୟମାନୁସାରେ ଦସ୍ତଖତ କରି ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି।

ବ୍ୟାଙ୍କ ପରିଚାଳନା ବୋର୍ଡ ପାଇଁ ୧୫ ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକଙ୍କ ମଧ୍ୟରୁ ଗୋଟିଏ ଜୋନକୁ ବାଦ୍ ଦେଇ ୧୪ ଜଣ ନିର୍ବାଚିତ ହୋଇଛନ୍ତି। ମୁରଲୀଙ୍କ ନାମାଙ୍କନରେ ଗୋଟିଏ ସେଟରେ ନିର୍ଦ୍ଦେଶକ ପି. ଦୀପକ କୁମାର ଯାଦବ ଓ ପ୍ରମିତା ବେହେରା ପ୍ରସ୍ତାବକ ଓ ସମର୍ଥକ ଥିବା ବେଳେ ଦ୍ୱିତୀୟ ସେଟ୍‌ରେ ଟି.କିଶୋର ପାତ୍ର ଓ ଲିଲି କୁମାରୀ ବେହେରା ପ୍ରସ୍ତାବକ ଓ ସମର୍ଥକ ଥିଲେ। ଯାଞ୍ଚରେ ଉଭୟ ସେଟ୍ କାଏମ ଥିବାରୁ ନିର୍ଦ୍ୱନ୍ଦ୍ୱ ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ଖାଲି ପଡ଼ିଥିବା ୧୩ନଂ. ଜୋନ ପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ ପରିଚାଳନା ବୋର୍ଡ ପକ୍ଷରୁ ଜଣେ ମହିଳାଙ୍କୁ ମନୋନୀତ କରାଯିବ। ନାମାଙ୍କନ ଦାଖଲ ବେଳେ ବ୍ୟାଙ୍କ ପରିସରରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ବିଜେଡି ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଏମ୍‌ସି ମେୟର ସଂଘମିତ୍ରା ଦଳେଇଙ୍କ ସମେତ ଅନେକ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ସୁନାଚେନ ଝାମ୍ପି ଲୁଟେରା ଗିରଫ

**ବୁଗୁଡ଼ା,୧୩।୭(ଡି.ଏନ.ଏ.)**

ଭୋର ସମୟରେ ଫୁଲ ତୋଳୁଥିବା ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଚମ୍ପଟ ମାରିଥିବା ଲୁଟେରାଙ୍କୁ ବୁଗୁଡ଼ା ପୋଲିସ ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ବୁଗୁଡ଼ା ଖଦାଳ ସାହିର ପ୍ରଭାକର ନାୟକ(୨୩) ଓରଫ୍ ମାଠଗୁଣା। ସ୍ଥାନୀୟ ସୀମାଞ୍ଚଳ ମାର୍ଗ ପ୍ରଥମ ଲାଇନରେ ରହୁଥିବା ତାକରଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀଙ୍କ ସ୍ତ୍ରୀ ୧୧ ତାରିଖରେ ନିଜ ଘର ପାଖ ଗଛରୁ ଫୁଲ ତୋଳୁଥିବା ବେଳେ ଜଣେ ଲୁଟେରା ତାଙ୍କ ବେକରୁ ସୁନାଚେନ ଝାମ୍ପି ନେଇଥିଲା। ଏ ନେଇ ମହିଳାଙ୍କ ସ୍ୱାମୀ ବୁଗୁଡ଼ା ଥାନାରେ ଏତଲା ଦେବା ପରେ ପୋଲିସ ନଂ. ୩୭୮/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

# ମାନବ ଚାଲାଣ ରୋକିବାକୁ ପୋଲିସ ଅଧିକାରୀଙ୍କୁ ପ୍ରଶିକ୍ଷଣ

**ବ୍ରହ୍ମପୁର ଅଫିସ,୧୩।୭**

ମାନବ ଚାଲାଣ ରୋକିବା ଏବଂ ସେ ସମ୍ପର୍କିତ ଆଇନ ଓ ନୀତିନିୟମ ବିଷୟରେ ପୋଲିସ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ବ୍ରହ୍ମପୁର ସ୍ଥିତ ଏକ ହୋଟେଲରେ ଦୁଇ ଦିନ ଚାଲିବାକୁ ଥିବା ଏହି ଆଞ୍ଚଳିକ ପ୍ରଶିକ୍ଷଣ କର୍ମଶାଳାରେ ଗଞ୍ଜାମ, ବ୍ରହ୍ମପୁର, ଗଜପତି, କନ୍ଧମାଳ, କୋରାପୁଟ, ରାୟଗଡା, ମାଲକାନଗିରି ଓ ନବରଙ୍ଗପୁର ଆଦି ୮ ପୋଲିସ ଜିଲାର ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ଇନ୍ସପେକ୍ଟର, ସବ୍ ଇନ୍ସପେକ୍ଟର ଯୋଗ ଦେଇଛନ୍ତି। ପୋଲିସ ବିଭାଗର ମହିଳା ଓ ଶିଶୁ ହିଂସା ନିରୋଧୀ ଶାଖା, ସିଆଇଡି-ସିବି ଏବଂ କୈଳାସ ସତ୍ୟାର୍ଥୀ ଚିଲରେନ୍ସ ଫାଉଣ୍ଡେଶନର ମିଳିତ ସହଯୋଗରେ କର୍ମଶାଳା ଆୟୋଜନ ହୋଇଛି । ଏଥିପାଇଁ ୟୁନିସେଫର ବୈଷୟିକ ସହାୟତା ନିଆଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଡିଜି ରେଖା ଲୋହାନୀ, ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍. ମଞ୍ଚାସୀନ ଥିଲେ । ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଆଲୋକ ପଟେରିଆ, ବଚପନ ବଚାଓ ଆନ୍ଦୋଳନର ସମ୍ପୂର୍ଣ୍ଣା ବେହୁରା, ସାଇବର ସିକ୍ୟୁରିଟି ଏକ୍ସପର୍ଟ ଅମିତ ଦୁବେ ରିସୋର୍ସ ପର୍ସନ ଭାବେ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମ ଜରିଆରେ ପୋଲିସ ଅଧିକାରୀଙ୍କୁ ମାନବ ଚାଲାଣ ମାମଲା ତଦନ୍ତ, ଆଇନ, ଦଣ୍ଡବିଧାନ ସହ ସାଇବର ଟ୍ରାଫିକିଙ୍ଗ ବିଷୟରେ ସଚେତନ କରାଯାଇଥିଲା ।

# ପରିତ୍ୟକ୍ତ ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ,୧୩।୭**

ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ଦ୍ୱିତୀୟ ଲାଇନ୍‌ର ଏକ ଘରୋଇ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଥିବା ପରିତ୍ୟକ୍ତ ଘରୁ ବୁଧବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୪୦ ବର୍ଷ ହେବ ବୋଲି କହିଛି। ମୃତଦେହ ଜବତ କରି ନଂ.୯/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରାଥମିକ ଅନୁସନ୍ଧାନରୁ ସେ ଜଣେ ରିକ୍ସାଚାଳକ ହୋଇଥିବା ଜାଣିବାକୁ ପାଇଛି ଏବଂ ନିକଟରେ ଥିବା ତାଙ୍କ ରିକ୍ସା ମଧ୍ୟ ଜବତ କରିଛି। ଯୁବକ ଜଣକ ଉକ୍ତ ଘର ଭିତରକୁ କାହିଁକି ଯାଇଥିଲେ ଓ ସେ କିଭଳି ଆତ୍ମହତ୍ୟା କଲେ ସେନେଇ ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ପରିଚୟ ମିଳିନଥିବାରୁ ମୃତଦେହ ସଂରକ୍ଷଣ ଗୃହରେ ରଖାଯାଇଛି। ବୁଧବାର ପୂର୍ବାହ୍ନ ସାଢ଼େ ୧୦ଟା ବେଳେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଉକ୍ତ ପରିତ୍ୟକ୍ତ ଘରେ ପହଞ୍ଚିଥିଲା। ଘରେ କେହି ରହୁନଥିବା ବେଳେ ଯୁବକ ଜଣକ ସେଠାରେ ଆତ୍ମହତ୍ୟା କରିଛନ୍ତି ନା କେହି ତାଙ୍କୁ ହତ୍ୟା କରିଛି ସେନେଇ ପୋଲିସ ତନାଘନା ଚଳାଇଛି।


ଜବତ ରିକ୍ସା ।

# ଲଗାଣ ବର୍ଷାରୁ ଫିକାପଡ଼ିଲା କଣ୍ଢେଇ ଯାତ୍ରା

**ବ୍ରହ୍ମପୁର ଅଫିସ, ୧୩।୭**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆଷାଢ଼ ପୂର୍ଣ୍ଣମୀ ଅବସରରେ ବୁଧବାର ବ୍ରହ୍ମପୁର ବଡ଼ବଜାର ଅଞ୍ଚଳ ଖାସ୍ବାସାହି ପୁରୁଣା ଜଗନ୍ନାଥ ମନ୍ଦିରଠାରେ କଣ୍ଢେଇ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସହରରେ ଲଗାଣ ବର୍ଷା ଯୋଗୁ ଏହି ଯାତ୍ରା ଫିକା ପଡ଼ିଛି। ଚଳିତ ବର୍ଷ ବହୁତ କମ ବ୍ୟବସାୟୀ ଯାତ୍ରାରେ ଯୋଗ ଦେଇଛନ୍ତି। ଯାତ୍ରା ବୁଧବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି, ଯାହା ଗୁରୁବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ମାତ୍ର ୧୫ରୁ ୨୦ଟି ଖେଳଣା ଓ କଣ୍ଢେଇ ଦୋକାନ ଏହି ଜାଗାରେ ପଡ଼ିଛି। ଏଠାରେ ସହରର ଚିତ୍ରକର ଓ କାରିଗର ବ୍ୟବସାୟୀଙ୍କ ସମେତ କୋଲକତା ଓ ରାଜସ୍ଥାନର ବହୁ ବ୍ୟବସାୟୀ ଏଠାରେ ବିଭିନ୍ନ ପ୍ରକାର ଖେଳଣା ଓ ଘର ସଜା ସାମଗ୍ରୀ ବିକ୍ରି କରୁଛନ୍ତି। ଚଳିତ ବର୍ଷ ପଶୁମୁଖା,ଷ୍ଟିଲର ପିଲାଙ୍କ ଖେଳଣା ସାମଗ୍ରୀ, ଛୋଟଗାଡ଼ି, ବେଲୁନଠାରୁ ଆରମ୍ଭ କରି ବହୁ ନୂତନ ପ୍ରଜାତିର ଛୋଟ ପିଲାଙ୍କ ଖେଳଣା ସାମଗ୍ରୀ ମଧ୍ୟ ବିକ୍ରି ହେଉଛି। ସହରର କଣ୍ଢେଇ ଯାତ୍ରା ପରମ୍ପରା ପ୍ରାୟ ୩୦୦ ବର୍ଷ ପୁରାତନ। ୧୭୦୦ ମସିହାର ତତ୍କାଳୀନ ମହୁରୀ ରାଜା ନାରାୟଣ ନରେନ୍ଦ୍ର ଦେବଙ୍କ ସମୟରୁ ବ୍ରହ୍ମପୁର ସହରରେ ପ୍ରତିବର୍ଷ କଣ୍ଢେଇ ଯାତ୍ରା ଅନୁଷ୍ଠିତ ହେଉଛି। ଏ ସମ୍ପର୍କରେ ବ୍ୟବସାୟୀ ରାମଚନ୍ଦ୍ର ବେହେରା କୁହନ୍ତି, ଚଳିତ ବର୍ଷ ମାଟି କଣ୍ଢେଇ ବିକ୍ରି ହେଉନାହିଁ। ଅନ୍ୟପକ୍ଷରେ ମାଟି କଣ୍ଢେଇ ଶୀଘ୍ର ଭାଙ୍ଗି ରୁଜି ଯାଏ। ଏହି କାରଣରୁ ଲୋକେ ଶସ୍ତା ସୁନ୍ଦର ମଜଭୁତ ଖେଳଣା ସାମଗ୍ରୀକୁ ଅଧିକ ପସନ୍ଦ କରୁଛନ୍ତି। ଗ୍ରାହକଙ୍କ ଚାହିଦାନୁସାରେ ସାମଗ୍ରୀ ବିକ୍ରି ହେଉଥିବାରୁ ଏହି ଖେଳଣା ସାମଗ୍ରୀ ମଧ୍ୟ ବେଙ୍ଗାଲୁରୁ, ପଶ୍ଚିମବଙ୍ଗ ଅଞ୍ଚଳରୁ ଆମଦାନୀ ହେଉଛି।


ବଡ଼ବଜାର ଖାସ୍ବା ସାହିରେ କଣ୍ଢେଇ ଯାତ୍ରା

**ବଦଳୁଛି ପରମ୍ପରା, ମାଟି କଣ୍ଢେଇ ସ୍ଥାନ ନେଉଛି ପ୍ଲାଷ୍ଟିକ କଣ୍ଢେଇ**

